# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**08 October – 2025**

*********************************

## ମୁଖ୍ୟ ସମ୍ବାଦ

- ଟେଲିକମ୍ କ୍ଷେତ୍ରରେ ଦେଶର ସଫଳତା ଆତ୍ମନିର୍ଭର ଭାରତର ଶକ୍ତିକୁ ପ୍ରତିଫଳିତ କରୁଛି; କହିଲେ ପ୍ରଧାନମନ୍ତ୍ରୀ

— ନୂଆଦିଲ୍ଲୀରେ ଆୟୋଜିତ 'ଇଣ୍ଡିଆ ମୋବାଇଲ୍ କଂଗ୍ରେସ'ର କଲେ ଉଦ୍‌ଘାଟନ

- ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ

- ଐତିହାସିକ ବାଲିଯାତ୍ରାରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ବଳିଷ୍ଠ ଅବଦାନ ଥିବା ଲେଖକମାନଙ୍କ ପାଇଁ ହେବ ସ୍ୱତନ୍ତ୍ର ମଣ୍ଡପ

ଏବଂ

- ଭାରତୀୟ ବାୟୁସେନାର ବୀର ଯୋଦ୍ଧାଙ୍କ ନିଷ୍ଠା ଓ ସମର୍ପଣ ଭାବକୁ ସମ୍ମାନ ଜଣାଇ ଆଜି ପାଳନ କରାଯାଉଛି 'ଭାରତୀୟ ବାୟୁସେନା ଦିବସ'

# ଇନୋଭେଟ୍ ଟୁ ଟ୍ରାନ୍ସଫର

ଟେଲିକମ୍ କ୍ଷେତ୍ରରେ ଦେଶର ସଫଳତା ଆତ୍ମନିର୍ଭର ଭାରତର ଦୂରଦୃଷ୍ଟିସମ୍ପନ୍ନ ଶକ୍ତିକୁ ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀ ଯଶୋଭୂମିଠାରେ ଆଜି ଏସିଆର ସର୍ବବୃହତ୍ ଟେଲିକମ୍, ଗଣମାଧ୍ୟମ ଏବଂ ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକ୍ରମ 'ଇଣ୍ଡିଆ ମୋବାଇଲ୍ କଂଗ୍ରେସ୍'-ଆଇଏମ୍ସି-୨୦୨୫ର ନବମ ସଂସ୍କରଣକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତରେ ନିବେଶ, ନବସୃଜନ ଏବଂ ମେକ୍ ଇନ୍ ଇଣ୍ଡିଆ ପାଇଁ ବର୍ତ୍ତମାନ ସର୍ବୋତ୍ତମ ସମୟ। ଦେଶ ନବସୃଜନ ଏବଂ ପ୍ରଗତି ପାଇଁ ଏକ ପ୍ରଭାବଶାଳୀ ମଂଚ ଭାବେ ଉଭା ହେଉଛି। ଭାରତ ଏବେ ବିଶ୍ୱର ଦ୍ୱିତୀୟ ସବୃବୃହତ୍ ଟେଲିକମ ଏବଂ ଫାଇଭ୍-ଜି ବଜାର। ଆଜି ଦେଶର ପ୍ରତ୍ୟେକ ଜିଲ୍ଲାରେ ଫାଇଭ୍-ଜି ସେବା ପହଞ୍ଚିପାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

**- V/O -(PM)**

ପ୍ରଧାନମନ୍ତ୍ରୀ କହିଛନ୍ତି, ମୋବାଇଲ, ଟେଲିକମ୍, ଇଲେକ୍‌ଟ୍ରୋନିକ୍ସ ଏବଂ ସମଗ୍ର ପ୍ରଯୁକ୍ତିବିଦ୍ୟା ଭିତ୍ତିଭୂମିରେ ବିଶ୍ୱସ୍ତରରେ ଥିବା ପ୍ରତିବନ୍ଧକର ସମାଧାନ ଭାରତ ପାଖରେ ରହିଛି। ଦେଶରେ ଡିଜିଟାଲ ସଂଯୋଗୀକରଣ ବର୍ତ୍ତମାନ କୌଣସି ସୁବିଧା କିମ୍ୱା ବିଳାସ ହୋଇ ରହିନାହିଁ।

ଏହା ପ୍ରତ୍ୟେକ ଭାରତୀୟଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି ଶ୍ରୀ ମୋଦୀ କହିଛନ୍ତି।

**- V/O -(PM)**

ଦୂରସଂଚାର ବିଭାଗ ଏବଂ ଭାରତର ସେଲ୍ୟୁଲାର ଅପରେଟର ସଂଘ ଦ୍ୱାରା ମିଳିତ ଭାବରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଜିଠାରୁ ଆସନ୍ତା ଶନିବାର ପର୍ଯ୍ୟନ୍ତ 'ଇନୋଭେଟ୍ ଟୁ ଟ୍ରାନ୍ସଫର' ବା ନବସୃଜନରୁ ପରିବର୍ତ୍ତନ ଶୀର୍ଷକରେ ଆଲୋଚନା ହେଉଛି। କାର୍ଯ୍ୟକ୍ରମରେ ୭ ହଜାରରୁ ଅଧିକ ବିଶ୍ୱ ପ୍ରତିନିଧି ଏବଂ ଦେଢ଼ ଶହରୁ ଅଧିକ ଦେଶର ୪ଶହରୁ ଅଧିକ କମ୍ପାନୀ ଯୋଗଦେଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ବୈଠକ-ମୁଖ୍ୟମନ୍ତ୍ରୀ

ରାଜ୍ୟରେ ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି ରହିଛି। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ଗୃହ ସଚିବ ପୁଲିସ୍ ମହାନିର୍ଦ୍ଦେଶକ, ଗୁଇନ୍ଦା ନିର୍ଦ୍ଦେଶକ, ଆଇନ୍ ଶୃଙ୍ଖଳା ଅତିରିକ୍ତ ଡିଜି, ପୁଲିସ୍ କମିଶନର ଏବଂ ପୁଲିସ୍ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି। ବୈଠକରେ ନିକଟରେ ସଂଗଠିତ ବିଭିନ୍ନ ଅପରାଧିକ ମାମଲାକୁ ନେଇ ଆଲୋଚନା ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ସାଂସଦ ପ୍ରଶିକ୍ଷଣ

ଜନଜାତି ବିଧାୟକ ଏବଂ ସାଂସଦମାନଙ୍କୁ ଆସନ୍ତାକାଲି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଲସିଂ ତୋମାର ଏ ନେଇ ସୂଚନା ଦେଇଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ବିଜେପିର ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବି.ଏଲ୍ ସନ୍ତୋଷ, ରାଷ୍ଟ୍ରୀୟ ସଂଗଠକ ଭି.ସତିଶ

ମଧ୍ୟ ଯୋଗଦେବେ। ନିଜ ଅଂଚଳର ୨୦ରୁ ୨୫ ଗାଁକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଶିବିରରେ ପରାମର୍ଶ ଦିଆଯିବ।

ଆସନ୍ତାକାଲି ରାଜ୍ୟ କାର୍ଯ୍ୟାଳୟରେ ବିଜେପି କୋର କମିଟି ବୈଠକ ଅନୁଷ୍ଠିତ ହେବ ବୋଲି ବିଜେପି ପ୍ରଭାରୀ ଶ୍ରୀ ତୋମାର କହିଛନ୍ତି। ବୈଠକରେ ନୂଆପଡା ଉପନିର୍ବାଚନ ନେଇ ଆଲୋଚନା ହେବା ସହିତ ସମ୍ଭାବ୍ୟ ଦଳୀୟ ପ୍ରାର୍ଥୀକୁ ନେଇ ମଧ୍ୟ ବୈଠକରେ ଆଲୋଚନା ହେବ। ନୂଆପଡା ଉପନିର୍ବାଚନ ପାଇଁ ବିଜେପି ଖୁବ୍‌ଶୀଘ୍ର ପ୍ରାର୍ଥୀ ଘୋଷଣା କରିବ ବୋଲି ସେ ସୂଚନା ଦେଇଛନ୍ତି।

## ସମୀକ୍ଷା ବୈଠକ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସମ୍ମିଳନୀ କକ୍ଷରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ବୈଠକରୁ ମିଳିଥିବା ସୂଚନା ଅନୁସାରେ, ଆସନ୍ତା ନଭେମ୍ବର ମାସ ୫ ତାରିଖରୁ ଆରମ୍ଭ ହେବାକୁ ଥିବା ଐତିହାସିକ କଟକ ବାଲିଯାତ୍ରାରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ବଳିଷ୍ଠ ଅବଦାନ ଥିବା ଲେଖକମାନଙ୍କ କୃତିକୁ ନେଇ ଏକ ବିଷୟବସ୍ତୁ ମଣ୍ଡପ (ଥିମ୍ ପାଭେଲିୟନ୍) ନିର୍ମାଣ କରାଯିବ। ଇଣ୍ଡୋନେସିଆକୁ ଚଳିତବର୍ଷ ସହଭାଗୀ ଦେଶ ଭାବରେ ଆମନ୍ତ୍ରିତ କରାଯିବ ଏବଂ ଏକ ଭାରତ ଶ୍ରେଷ୍ଠ ଭାରତ ଅଧୀନରେ ଦେଶର ଏକ ପ୍ରମୁଖ ରାଜ୍ୟକୁ

ମଧ୍ୟ ସହଭାଗୀ ରାଜ୍ୟ ହିସାବରେ ଆମନ୍ତ୍ରିତ କରାଯିବ। ଦକ୍ଷିଣ ଏସିଆର କେତେକ ରାଷ୍ଟ୍ରକୁ ସେମାନଙ୍କର ସାଂସ୍କୃତିକ ଦଳ ପ୍ରେରଣ ନିମନ୍ତେ ଅନୁରୋଧ କରାଯିବ ବୋଲି ବୈଠକରୁ ଜଣାପଡିଛି।

ସଂସ୍କୃତି ବିଭାଗ ପକ୍ଷରୁ ଢେଙ୍କାନାଳ ଜିଲ୍ଲା ଗଜଲକ୍ଷ୍ମୀ ପୂଜା ଏବଂ କେନ୍ଦ୍ରାପଡାର ଲକ୍ଷ୍ମୀପୂଜା ନିମନ୍ତେ ଆର୍ଥିକ ସହାୟତାରାଶି ଯୋଗାଇ ଦିଆଯିବ। ସଂସ୍କୃତି ବିଭାଗ ଅଧୀନରେ ଥିବା ସଂସ୍କୃତି ବିଶ୍ୱବିଦ୍ୟାଳୟ, ଉତ୍କଳ ସଂଗୀତ ମହାବିଦ୍ୟାଳୟ, ବିଭୂତି କାନୁନ୍‌ଗୋ ଓ ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଖାଲି ଥିବା ପଦବୀଗୁଡ଼ିକୁ ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ପୁରୀସ୍ଥିତ ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ବାସଗୃହ 'ପାଥେର ପୁରୀ'ର ପୁନରୁଦ୍ଧାର କରାଯାଇ ଏହାକୁ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଂଗ୍ରହାଳୟରେ ପରିଣତ କରାଯିବ।

ଏତଦ୍‌ବ୍ୟତୀତ କେନ୍ଦ୍ରାପଡ଼ା ଜିଲ୍ଲାର କାଳୀ ଦାସ ମନ୍ଦିରର ପୁନରୁଦ୍ଧାର ଦାୟିତ୍ୱ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଗ୍ରହଣ କରିବା ସହ ଭୁବନେଶ୍ୱରର ସୈନିକ ସ୍କୁଲ ନିକଟରେ ହେବାକୁ ଥିବା ଓଡ଼ିଆ ଅସ୍ମିତା ଭବନର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସେତୁ ଓ ନିର୍ମାଣ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଉପନିର୍ବାଚନ-ନୂଆପଡ଼ା

ଭାରତର ନିର୍ବାଚନ କମିଶନ **ନୂଆପଡ଼ା** ବିଧାନସଭା ଉପନିର୍ବାଚନ ପାଇଁ ତାରିଖ ଘୋଷଣା କରିବା ସହିତ ଜିଲ୍ଲାରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ଏ ସମ୍ପର୍କରେ ଜିଲ୍ଲାର ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ

ଅବଗତ କରିବା ପାଇଁ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପନିର୍ବାଚନ ପାଇଁ ଆସନ୍ତା ୧୩ ତାରିଖରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବ। ୨୦ ତାରିଖରେ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ରହିଛି। ୨୨ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ୨୪ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇପାରିବ। ଆସନ୍ତା ନଭେମ୍ବର ୧୧ ତାରିଖରେ ମତଦାନ, ୧୪ ତାରିଖରେ ଭୋଟ ଗଣତି ଏବଂ ୧୬ ତାରିଖରେ ନିର୍ବାଚନ ପ୍ରକ୍ରିୟା ଶେଷ ହେବ ବୋଲି ଜିଲ୍ଲାପାଳ କହିଛନ୍ତି। ବୈଠକରେ ଜିଲ୍ଲାରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାୟୁସେନା ଦିବସ

ଭାରତୀୟ ସେନାର ଜାଗ୍ରତ ପ୍ରହରୀଭାବେ ନିଷ୍ଠା ଓ ସମର୍ପଣ ଭାବ ସହ ଆକାଶମାର୍ଗରୁ ଦେଶର ସାର୍ବଭୌମତ୍ୱକୁ ସୁରକ୍ଷା ଦେବା ପାଇଁ ବାୟୁସେନା କାର୍ଯ୍ୟ କରୁଛି । ୧୯୩୨ ମସିହା ଆଜିର ଦିନରେ ଭାରତୀୟ ବାୟୁସେନାର ପ୍ରତିଷ୍ଠା କରାଯାଇଥିଲା । ଆକାଶମାର୍ଗକୁ ସୁରକ୍ଷାଦେବା, ମାନବିକ ସହାୟତା ତଥା ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ବାୟୁସେନାର ବଳିଷ୍ଠ ଯୋଗଦାନ ଏବଂ ପ୍ରଶଂସନୀୟ କାର୍ଯ୍ୟକୁ ସମ୍ମାନ ଜଣାଇବା ପାଇଁ ଆଜିର ଦିନକୁ ଭାରତୀୟ ବାୟୁସେନା ଦିବସଭାବେ ପାଳନ କରାଯାଉଛି । ଦେଶ ସ୍ୱାଧୀନତା ପରଠାରୁ ଭାରତୀୟ ବାୟୁସେନା ଚାରୋଟି ଯୁଦ୍ଧରେ ସାମିଲ ହୋଇଛି ।

ବାୟୁସେନା ଦିବସରେ **ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜଣାଇ ଭାରତୀୟ ବାୟୁସେନା ସର୍ବଦା ସାହସ, ସମର୍ପଣ ଏବଂ ଉତ୍କୃଷ୍ଟତାର ଉଦାହରଣ ଦେଇଛି ବୋଲି ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ।

ଏହି ଅବସରରେ **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ବାୟୁସେନାର ବୀରଯୋଦ୍ଧାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ବିଶେଷକରି ବିପଦ ସମୟରେ ଦେଶର ଆକାଶମାର୍ଗକୁ ସୁରକ୍ଷା ଦେବା କ୍ଷେତ୍ରରେ ବାୟୁସେନାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ ବାୟୁସେନାର ଯବାନମାନେ ପ୍ରଶଂସନୀୟ କାର୍ଯ୍ୟ କରିଆସୁଛନ୍ତି । ଏହି ବୀରମାନଙ୍କ ସମର୍ପଣ, ଅଦ୍ୱିତୀୟ ନିଷ୍ଠା ଏବଂ ଦେଶ ପ୍ରତି ସେବାଭାବ ପ୍ରତ୍ୟେକ ଭାରତୀୟଙ୍କୁ ଗୌରବାନ୍ୱିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଭାରତୀୟ ବାୟୁସେନାର ବୀର ଯବାନମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ମାତୃଭୂମିର ସେବା କରୁଥିବା ଏହି ବୀରମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କ ଅଭୂତ ସାହସ ଓ ବୃତ୍ତିଗତ ନିଷ୍ଠା ପାଇଁ ସମଗ୍ର ଦେଶ ଗର୍ବିତ ବୋଲି ଶ୍ରୀ ମାଝୀ କହିଛନ୍ତି ।

## ତୀର୍ଥଯାତ୍ରା

**ସମ୍ବଲପୁର**ରେ ଚତୁର୍ଥ ପର୍ଯ୍ୟାୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଟ୍ରେନ୍ ଆଜି ଚଳାଚଳ କରିଛି । ରାଜ୍ୟର ୮ଟି ଜିଲ୍ଲାରୁ ୮୦୦ ଜଣ ବରିଷ୍ଠ ନାଗରିକ ଏହି ଯାତ୍ରାରେ ସାମିଲ ହୋଇଛନ୍ତି । ବରିଷ୍ଠ ନାଗରିକମାନଙ୍କୁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୧୬ ମସିହାରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ଯୋଜନାରେ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପ୍ରଦାନ କରାଯାଉଛି।

## କାର୍ତ୍ତିକ

**ନବରଙ୍ଗପୁର** ଜିଲ୍ଲାରେ ପବିତ୍ର କାର୍ତ୍ତିକ ବ୍ରତ ଆରମ୍ଭ ହୋଇଛି। ହବିଷ୍ୟାଳୀମାନେ ପ୍ରତ୍ୟୁଷରୁ ବିଭିନ୍ନ ଦେବାଳୟଗୁଡ଼ିକରେ ପୂଜାର୍ଚ୍ଚନା କରୁଛନ୍ତି। ଗ୍ରାମମାନଙ୍କରେ ଅଷ୍ଟପ୍ରହରୀ, ଚତୁପ୍ରହରୀ ନାମଯଜ୍ଞ ସହ କାର୍ତ୍ତିକବ୍ରତ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରାଯାଉଛି।

## ମକ୍‌ଡ୍ରିଲ୍

**ନୂଆପଡ଼ା** ଜିଲ୍ଲା ଖଡିଆଳ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପରିସରରେ ଜାତୀୟ ଅଗ୍ନି ସୁରକ୍ଷା ସପ୍ତାହ ପାଳନ ଅବସରରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ କର୍ମଚାରୀମାନେ ମକ୍‌ଡ୍ରିଲ୍ ମାଧ୍ୟମରେ ଅଗ୍ନି ଉପରେ ଆୟତ୍ତ ପାଇବାର ବିଭିନ୍ନ ରଣକୌଶଳ ପ୍ରଦର୍ଶନ କରିଥିଲେ। ବିଦ୍ୟୁତ ବିଭାଗ ଲାଇନ୍ କର୍ମଚାରୀମାନେ ଏଥିରେ ଯୋଗଦେଇ ତାଲିମ୍ ନେବା ସହ ବିଭିନ୍ନ କୌଶଳ ଶିଖିଥିଲେ।

## ପାଣିପାଗ

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ଶୁକ୍ରବାର ଆଡକୁ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ରାଜ୍ୟର ଉତ୍ତର ଉପକୂଳ, ଆଭ୍ୟନ୍ତରୀଣ ଅଞ୍ଚଳରେ ଏକ ନିମ୍ନ ଚାପ ରେଖା ସକ୍ରିୟ ରହିଛି । ଉତ୍ତରପୂର୍ବ ଝାଡଖଣ୍ଡ ଏବଂ ଏହାର ପାଶ୍ୱବର୍ତ୍ତୀ ଅଞ୍ଚଳରେ ମଧ୍ୟ ଏକ

ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ପ୍ରଭାବରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି, ଘଡଘଡି ସହ ବର୍ଷାର ସମ୍ଭାବନା ରହିଛି । ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।